*1964*
*ମାର୍ଚ୍ଚ 3*

ମତିଉଲ୍ଲା ଶେଖ୍
ବନାମ
ପଶ୍ଚିମ ବଙ୍ଗ ରାଜ୍ୟ
(କେ. ସୁବ୍ବା ରାଓ, କେ. ସି. ଦାସ ଗୁପ୍ତା ଏବଂ ରଘୁବର ଦୟାଲ, ନ୍ୟାୟମୂର୍ତ୍ତିମାନେ)

*ଫୌଜଦାରୀ ଆଇନ-- ହତ୍ୟା ପ୍ରକୃତରେ ସଂଘଟିତ ହୋଇନାହିଁ-- ଧାରା 449 ଅନୁଯାୟୀ ଯଦି ଦଣ୍ଡବିଧାନ ସମ୍ଭବ ହୁଏ-- "ଉଦ୍ଦେଶ୍ୟରେ", ଅର୍ଥ -- ଧାରା 307 ସହିତ ଧାରା 34 ଅନୁଯାୟୀ ଆରୋପ, ଯଦି ଆଇନରେ ସ୍ଥାୟୀ ହୁଏ--- ଭାରତୀୟ ଦଣ୍ଡ ସଂହିତା, 1860 (1860 ର ଅଧିନିୟମ 45) ଧାରା 34, 307, 449 ।*

ଅଭିଯୋଗ ହୋଇଥିଲା ଯେ ଆବେଦନକାରୀମାନେ, ହତ୍ୟା କରିବାର ସାଧାରଣ ଉଦ୍ଦେଶ୍ୟ ନେଇ ଜଣେ 'ଇ' ଙ୍କ ଘରେ ପ୍ରବେଶ କରିଥିଲେ । ଆବେଦନକାରୀଙ୍କ ମଧ୍ୟରୁ ଜଣେ ଛୁରୀରେ ଆଘାତ କରିଥିବାବେଳେ ଅନ୍ୟ ତିନିଜଣ ତାଙ୍କୁ ଧରିଥିଲେ । ଇ' ଙ୍କ ଆଘାତ ମାରାତ୍ମକ ପ୍ରମାଣିତ ହୋଇନଥିଲା । ଦୌରା ବିଚାରପତି ସେମାନଙ୍କୁ ଭାରତୀୟ ଦଣ୍ଡ ସଂହିତାର ଧାରା 449 ଏବଂ 34 ସହିତ 307, ଅଧୀନରେ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ, ଯାହାକୁ ଆବେଦନରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା କାଏମ ରଖାଯାଇଥିଲା । ପ୍ରମାଣପତ୍ର ଦ୍ୱାରା ଆବେଦନ ଉପରେ, ଏହା ଯୁକ୍ତି କରାଯାଇଥିଲା ଯେ ଭାରତୀୟ ଦଣ୍ଡ ସଂହିତାର ଧାରା 449 ଅନୁଯାୟୀ କୌଣସି ଦଣ୍ଡବିଧାନ ହୋଇପାରିବ ନାହିଁ ଯେପର୍ଯ୍ୟନ୍ତ ପ୍ରକୃତରେ ହତ୍ୟା କରାଯାଇ ନାହିଁ; ଏବଂ ଭାରତୀୟ ଦଣ୍ଡ ସଂହିତାର ଧାରା 34 ସହିତ ପାଠ କରାଯାଉଥିବା ଧାରା 307 ଅନୁଯାୟୀ, ହୋଇଥିବା ଆରୋପ, ଆଇନରେ ଗ୍ରହଣୀୟ ନୁହେଁ ।

*ନିର୍ଣ୍ଣୟ* ହୋଇଛି: ଏହି ବିବାଦଗୁଡ଼ିକ ମଧ୍ୟରୁ କୌଣସିଟିରେ କୌଣସି ସାର ନଥିଲା ।

"ଏକ ଅପରାଧ କରିବା ଉଦ୍ଦେଶ୍ୟ ନେଇ" ଏକ କାର୍ଯ୍ୟ ହୋଇଛି ବୋଲି କୁହାଯାଇପାରେ, ଯଦିଓ ଅପରାଧଟି ସମ୍ପୂର୍ଣ୍ଣ ହୋଇନପାରେ । "ଉଦ୍ଦେଶ୍ୟରେ" ଶବ୍ଦଗୁଡିକ ଆଇ.ପି.ସି. ର ଧାରା 449 ରେ ବ୍ୟବହାର ହୋଇଛି ଯାହାର ଅର୍ଥ "ଉଦ୍ଦେଶ୍ୟ ସହିତ" ଉଦ୍ଦେଶ୍ୟଟି ପ୍ରକୃତରେ ପୂରଣ ହୋଇଛି କି ନାହିଁ ତାହା ଅତ୍ୟନ୍ତ ଅପ୍ରାସଙ୍ଗିକ ।

ଥରେ ଏହା ସ୍ଥିର ହୋଇଛି ଯେ ସମସ୍ତଙ୍କ ସାଧାରଣ ଅଭିପ୍ରାୟକୁ ସାକାର କରିବା ପାଇଁ ଅନେକ ବ୍ୟକ୍ତିଙ୍କ ଦ୍ୱାରା ଏହି କାର୍ଯ୍ୟ କରାଯାଇଛି, ଆଇନଗତ ସ୍ଥିତି ଅନୁଯାୟୀ, ଫଳାଫଳ ହେଉଛି ପ୍ରତ୍ୟେକ ବ୍ୟକ୍ତି ସମସ୍ତ ଅପରାଧିକ କାର୍ଯ୍ୟ କରିଛନ୍ତି ବୋଲି ଧରାଯିବ ।

ଫୌଜଦାରୀ ଆବେଦନ କ୍ଷେତ୍ରାଧିକାର: ଫୌଜଦାରୀ ଆବେଦନ ସଂଖ୍ୟା 111/1961

ମାର୍ଚ୍ଚ 2, 1961 ରେ କଲିକତା ଉଚ୍ଚ ନ୍ୟାୟାଳୟର ଫୌଜଦାରୀ ଆବେଦନ ସଂଖ୍ୟା 269/1961ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

*1964*

*ମତିଉଲ୍ଲା ଶେଖ୍*

*ବନାମ*

*ପଶ୍ଚିମ ବଙ୍ଗ ରାଜ୍ୟ*

*ନ୍ୟାୟମୂର୍ତ୍ତି ଦାସ ଗୁପ୍ତା*

*ଡି. ଏନ୍. ମୁଖାର୍ଜୀ,* ଆବେଦନକାରୀଙ୍କ ପାଇଁ ।

*ପି. କେ. ବୋଷଙ୍କ ପାଇଁ ପି. କେ. ଚକ୍ରବର୍ତ୍ତୀ,* ଉତ୍ତରଦାତାଙ୍କ ପାଇଁ ।

ମାର୍ଚ୍ଚ 3, 1964 । ଏହି ଅଦାଲତର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟମୂର୍ତ୍ତି ଦାସ ଗୁପ୍ତାଙ୍କ** ଦ୍ୱାରା -- ଆବେଦନକାରୀମାନଙ୍କୁ ଭାରତୀୟ ଦଣ୍ଡ ସଂହିତାର ଧାରା 449 ଅନୁଯାୟୀ, ବୀରଭୂମର ଅତିରିକ୍ତ ଦୌରା ବିଚାରପତିଙ୍କ ଦ୍ୱାରା ବିଚାର କରାଯାଇଥିଲା । ଅଭିଯୋଜନ ପକ୍ଷର ମାମଲା ଏହା ଥିଲା ଯେ, 14 ନଭେମ୍ବର 1950 ମସିହାର ରାତିରେ ଯେତେବେଳେ ହାଜି ଏବରାର ଅଲ୍ଲୀ ତାଙ୍କ ଝୁମ୍ପୁଡ଼ିର ବାରଣ୍ଡାରେ ଶୋଇଥିଲେ, ଏହି ଆବେଦନକାରୀମାନେ ସେଠାରେ ପହଞ୍ଚିଥିଲେ ଏବଂ ସେମାନଙ୍କ ମଧ୍ୟରୁ ଜଣେ ଅବଦୁଲ ଓଦୁଦଙ୍କ ଆଣ୍ଠୁକୁ ମାଡିବସିବା ବେଳେ, ଏକରାମ ଏବଂ ହବିବୁଲ୍ଲା ତାଙ୍କ ଛାତି ଏବଂ ହାତକୁ ଚାପି ଧରିଥିଲେ, ମତିଉଲ୍ଲା ଏକ ଛୁରୀରେ ତାଙ୍କ ବେକରେ ଆଘାତ କରିଥିଲା । ଏବରାର ଅଲ୍ଲୀ ହଠାତ ଉଠି ଚିତ୍କାର କରିବା ସହିତ ଓଦୁଦକୁ ମାଡିବାସିଥିଲେ । ଅନ୍ୟ ତିନି ଆକ୍ରମଣକାରୀ ଖସି ପଳାଇବାରେ ସକ୍ଷମ ହୋଇଥିଲେ । ଏବରାର ଅଲ୍ଲୀ ଥାନାରେ ଏହି ଘଟଣା ବିଷୟରେ ସୂଚନା ଦେଇଥିଲେ, ଯାହାଙ୍କୁ ପରେ ଚିକିତ୍ସା ପାଇଁ ରାମପୁରହାଟ ଡାକ୍ତରଖାନାକୁ ପଠାଯାଇଥିଲା । ଅଭିଯୋଜନ ପକ୍ଷ ଦ୍ୱାରା ଅଭିଯୋଗ କରାଯାଇଛି ଯେ ଏହି ଚାରିଜଣ ଆବେଦନକାରୀ ତାଙ୍କୁ ହତ୍ୟା କରିବାର ସାଧାରଣ ଉଦ୍ଦେଶ୍ୟ ସହିତ ଏବରାର ଅଲ୍ଲୀଙ୍କ ଘରେ ପ୍ରବେଶ କରିଥିଲେ ଏବଂ ସେହି ସାଧାରଣ ଉଦ୍ଦେଶ୍ୟକୁ ସାକାର କରିବା ପାଇଁ ମତିଉଲ୍ଲା ତାଙ୍କୁ ଏକ ଛୁରୀରେ ଆହତ କରିଥିବାବେଳେ ଅନ୍ୟ ତିନିଜଣ ତାଙ୍କୁ ଧରି ରଖିଥିଲେ । ସୌଭାଗ୍ୟବଶତଃ, ଏବରାର ଅଲ୍ଲୀଙ୍କୁ ଲାଗିଥିବା ଆଘାତ ମାରାତ୍ମକ ପ୍ରମାଣିତ ହୋଇନଥିଲା ।

ବିଚାରକ ମଣ୍ଡଳୀ ଉଭୟ ଅଭିଯୋଗରେ, ସମସ୍ତ ଆବେଦନକାରୀଙ୍କ ବିରୋଧରେ ସର୍ବସମ୍ମତିକ୍ରମେ ଦୋଷୀ ଘୋଷଣା କରିଥିଲେ । ବିଦ୍ୱାନ ଦୌରା ବିଚାରପତି ସେହି ନିର୍ଣ୍ଣୟ ଗ୍ରହଣ କରିଥିଲେ ଏବଂ ସମସ୍ତଙ୍କୁ ଭାରତୀୟ ଦଣ୍ଡ ସଂହିତାର ଧାରା 449 ଏବଂ 307 ଅନୁଯାୟୀ, ଯାହାକୁ ଧାରା 34 ସହିତ ପାଠ କରାଯାଏ, ଦୋଷୀ ସାବ୍ୟସ୍ତ କରିଥିଲେ । ସେ, ଆବେଦନକାରୀ ମତିଉଲ୍ଲାଙ୍କୁ ଭାରତୀୟ ଦଣ୍ଡ ସଂହିତାର ଧାରା 307/34 ଅନୁଯାୟୀ ଚାରି ବର୍ଷ ଏବଂ ଧାରା 449 ଅନୁଯାୟୀ ଦୁଇ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିଲେ । ସେ ଅନ୍ୟ ତିନି ଜଣ ଆବେଦନକାରୀଙ୍କୁ ଭାରତୀୟ ଦଣ୍ଡ ସଂହିତାର ଧାରା 307/34 ଅନୁଯାୟୀ ତିନି ବର୍ଷ ଏବଂ ଭାରତୀୟ ଦଣ୍ଡ ସଂହିତାର ଧାରା 449 ଅନୁଯାୟୀ ଦୁଇ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିଲେ । ଏହି ଚାରିଜଣ କଲିକତା ଉଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲେ । କିନ୍ତୁ, ଏହି ଆବେଦନକୁ ସଂକ୍ଷିପ୍ତ ଭାବେ ଖାରଜ କରିଦିଆଯାଇଥିଲା । ତେବେ ଉଚ୍ଚ ନ୍ୟାୟାଳୟର ଏକ ବିଚାରପୀଠ ଆବେଦନକାରୀମାନଙ୍କୁ ଏକ ପ୍ରମାଣପତ୍ର ପ୍ରଦାନ କରିଥିଲେ ଯେ ସମ୍ବିଧାନର ଧାରା 134 (1) (c) ଅନୁଯାୟୀ ଏହି ନ୍ୟାୟାଳୟରେ ଆବେଦନ କରିବା ପାଇଁ ଏହା ଏକ ଉପଯୁକ୍ତ ମାମଲା ଥିଲା । ସେହି ପ୍ରମାଣପତ୍ର ଆଧାରରେ ଏହି ଆବେଦନକୁ ଆଗତ କରାଯାଇଛି ।

*1964*
*ମତିଉଲ୍ଲା ଶେଖ୍*
*ବନାମ*
*ପଶ୍ଚିମ ବଙ୍ଗ ରାଜ୍ୟ*
*ନ୍ୟାୟମୂର୍ତ୍ତି ଦାସ ଗୁପ୍ତା*

ଆବେଦନକାରୀଙ୍କ ତରଫରୁ ଆମ ସମ୍ମୁଖରେ ଦୁଇଟି ପ୍ରସଙ୍ଗ ବିଷୟରେ ଅନୁରୋଧ କରାଯାଇଛି । ପ୍ରଥମଟି ହେଉଛି ଯେ ଭାରତୀୟ ଦଣ୍ଡ ସଂହିତାର ଧାରା 449 ଅନୁଯାୟୀ, ଯେପର୍ଯ୍ୟନ୍ତ ପ୍ରକୃତରେ କୌଣସି ହତ୍ୟା ହୋଇନାହିଁ, କୌଣସି ଦଣ୍ଡବିଧାନ ହୋଇପାରିବ ନାହିଁ । ଦ୍ୱିତୀୟଟି ହେଉଛି ଯେ ଭାରତୀୟ ଦଣ୍ଡ ସଂହିତାର ଧାରା 34 ସହିତ ପାଠ କରାଯାଉଥିବା ଧାରା 307, ଅନୁଯାୟୀ ହୋଇଥିବା ଏକ ଅଭିଯୋଗ ଆଇନରେ ଗ୍ରହଣୀୟ ନୁହେଁ । ଆମ ମତରେ, ଏହି ବିବାଦଗୁଡ଼ିକ ମଧ୍ୟରୁ କୌଣସିଟିରେ କୌଣସି ସାର ନାହିଁ ।

ଭାରତୀୟ ଦଣ୍ଡ ସଂହିତାର ଧାରା 449 ରେ ବ୍ୟବସ୍ଥା ରହିଛି ଯେ ଯିଏ ମୃତ୍ୟୁଦଣ୍ଡରେ ଦଣ୍ଡନୀୟ କୌଣସି ଅପରାଧ କରିବା ଉଦ୍ଦେଶ୍ୟରେ ଅନଧିକାର ଗୃହପ୍ରବେଶ କରିବ, ତାଙ୍କୁ ଆଜୀବନ କାରାଦଣ୍ଡ କିମ୍ବା ଦଶ ବର୍ଷର ଅବଧି ପାଇଁ, ଦଶ ବର୍ଷରୁ ଉର୍ଦ୍ଧ୍ୱ ନୁହେଁ, ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯିବ ଏବଂ ଜୋରିମାନା ମଧ୍ୟ ଦେବାକୁ ପଡ଼ିବ । ଆବେଦନକାରୀଙ୍କ ତରଫରୁ ଆମ ସମ୍ମୁଖରେ ହାଜର ହୋଇଥିବା ଶ୍ରୀ ମୁଖାର୍ଜୀ ଯୁକ୍ତି ବାଢ଼ିଥିଲେ ଯେ ଯେପର୍ଯ୍ୟନ୍ତ ହତ୍ୟା କରାଯାଇ ନାହିଁ, ତେବେ ଏହା କହିବା ସମ୍ଭବ ନୁହେଁ ଯେ ମୃତ୍ୟୁଦଣ୍ଡରେ ଦଣ୍ଡନୀୟ "ଅପରାଧ କରିବାର ଉଦ୍ଦେଶ୍ୟ" ପାଇଁ କୌଣସି ଅନଧିକାର ଗୃହପ୍ରବେଶ ପ୍ରବେଶ ହୋଇଥିଲା । ବିଦ୍ୱାନ ଓକିଲଙ୍କ ତଥ୍ୟ ଅନୁଯାୟୀ, ଅନଧିକାର ଗୃହପ୍ରବେଶର ଉଦ୍ଦେଶ୍ୟ ହତ୍ୟା କରିବାପାଇଁ ହୋଇଥିବାରୁ, ଏହା ପୂର୍ବାନୁମାନ କରିବା ଠିକ୍ ନୁହେଁ ଯେ ଅନଧିକାର ଗୃହପ୍ରବେଶ "ହତ୍ୟା କରିବା ଉଦ୍ଦେଶ୍ୟରେ" କରାଯାଇଥିଲା । ଆମେ ସହମତ ହୋଇପାରିବୁ ନାହିଁ।ଆମ ମତରେ, ଏକ କାର୍ଯ୍ୟ "ଏକ ଅପରାଧ କରିବାର ଉଦ୍ଦେଶ୍ୟ ପାଇଁ" କରାଯାଇଥିବା କୁହାଯାଇପାରେ, ଯଦିଓ ଅପରାଧଟି ସମ୍ପୂର୍ଣ୍ଣ ହୋଇନପାରେ । ତେଣୁ, ଯଦି ଜଣେ ବ୍ୟକ୍ତି ଚୋରି କରିବା ଉଦ୍ଦେଶ୍ୟରେ ଏକ ଘରେ ଅନଧିକାର ପ୍ରବେଶ କରନ୍ତି କିନ୍ତୁ ଉଦ୍ଦେଶ୍ୟ ପୂରଣ କରିବାରେ ବିଫଳ ହୁଅନ୍ତି, ତେବେ ଏହା କହିବା ଉଚିତ ହେବ ଯେ ସେ ଚୋରି କରିବା ଉଦ୍ଦେଶ୍ୟରେ ସେ ଅନଧିକାର ଗୃହପ୍ରବେଶ ପ୍ରବେଶ କରିଛନ୍ତି । ଏହା ଧ୍ୟାନ ଦେବାକୁ ହେବ ଯେ "ଉଦ୍ଦେଶ୍ୟରେ" ଶବ୍ଦଗୁଡ଼ିକ କେବଳ ଭାରତୀୟ ଦଣ୍ଡ ସଂହିତା ଧାରା 449ରେ ନୁହେଁ, ବରଂ ପରବର୍ତ୍ତୀ ଦୁଇଟି ଧାରା 450, 451 ଏବଂ ପୁଣିଥରେ ଭାରତୀୟ ଦଣ୍ଡ ସଂହିତା ଧାରା 454 ଏବଂ ଧାରା 457ରେ ବ୍ୟବସ୍ଥାପିକା ଦ୍ୱାରା ବ୍ୟବହୃତ ହୋଇଛି । ଧାରା 450, ଅନଧିକାର ଗୃହପ୍ରବେଶ ପ୍ରବେଶ ପାଇଁ ଦଣ୍ଡ ନିର୍ଦ୍ଧାରଣ କରେ ଯଦି ଏହା ଆଜୀବନ କାରାଦଣ୍ଡରେ ଦଣ୍ଡନୀୟ କୌଣସି ଅପରାଧ କରିବା "ଉଦ୍ଦେଶ୍ୟରେ" କରାଯାଇଥାଏ । ଧାରା 451, କରାଯାଇଥିବା ଅନଧିକାର ଗୃହପ୍ରବେଶ ପ୍ରବେଶ ଅପରାଧକୁ ଦଣ୍ଡନୀୟ କରିଥାଏ, ଯଦି ଏହା କାରାବାସ ଦଣ୍ଡନୀୟ କୌଣସି ଅପରାଧ "କରିବାର ଉଦ୍ଦେଶ୍ୟରେ" କରାଯାଇଥାଏ । ଗୁପ୍ତ ଅନଧିକାର ଗୃହପ୍ରବେଶ ପ୍ରବେଶ କିମ୍ବା ଘର ଭାଙ୍ଗିବା, ଯଦି କାରାବାସ ଦଣ୍ଡନୀୟ କୌଣସି ଅପରାଧ କରିବା "ଉଦ୍ଦେଶ୍ୟରେ" କରାଯାଏ, ଧାରା 454 ଦଣ୍ଡନୀୟ କରିଥାଏ । ରାତିରେ ଗୁପ୍ତ ଅନଧିକାର ଗୃହ ପ୍ରବେଶ କିମ୍ବା ରାତିରେ ଘର ଭାଙ୍ଗିବା, କାରାବାସ ଦଣ୍ଡନୀୟ କୌଣସି ଅପରାଧ କରିବାର "ଉଦ୍ଦେଶ୍ୟରେ", ଯଦି ହୋଇଛି, ଧାରା 457 ଦଣ୍ଡ ବିଧାନ କରିଛି ।

ଏହା ମଧ୍ୟ ଧ୍ୟାନ ଦେବା ଆବଶ୍ୟକ ଯେ ଅନ୍ୟ କୌଣସି ଜିନିଷ ବ୍ୟତୀତ ଅନଧିକାର ଗୃହପ୍ରବେଶ ପ୍ରବେଶ ଭାରତୀୟ ଦଣ୍ଡ ସଂହିତାର ଧାରା 448 ଅନୁଯାୟୀ ଦଣ୍ଡନୀୟ ଅଟେ, ନିର୍ଦ୍ଧାରିତ ଦଣ୍ଡ ହେଉଛି କାରାବାସ

ଯାହା ଏକ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ, କିମ୍ବା ଜୋରିମାନା ସହିତ ଯାହା ଏକ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ, କିମ୍ବା ଉଭୟ ।

ଉଚ୍ଚ ଦଣ୍ଡବିଧାନ କରାଯାଇଛି, ଯେଉଁଠାରେ ଅନ୍ୟ ଅପରାଧମାନ କରିବା "ଉଦ୍ଦେଶ୍ୟରେ" ଅନଧିକାର ଗୃହପ୍ରବେଶ ହୋଇଛି । ଧାରା 449, 450, 451, 454 ଏବଂ 457 ର ଏକ ପରୀକ୍ଷା ଦର୍ଶାଏ ଯେ, କେଉଁ ଘରକୁ ଅନଧିକାର ପ୍ରବେଶ କରିବା "ଉଦ୍ଦେଶ୍ୟରେ" ଅପରାଧର ପ୍ରକୃତି ଅନୁଯାୟୀ ଜୋରିମାନା ବର୍ଗୀକରଣର ବ୍ୟବସ୍ଥା କରାଯାଇଛି । ଏହା ସ୍ପଷ୍ଟ ଯେ ଅନଧିକାର ଗୃହପ୍ରବେଶ ପ୍ରବେଶ ପାଇଁ ଏହି ଦଣ୍ଡର ପ୍ରବଧାନକୁ ଏହି ପ୍ରଶ୍ନରୁ ସମ୍ପୂର୍ଣ୍ଣ ସ୍ଵାଧୀନ ଭାବରେ ନିର୍ଦ୍ଧାରିତ ହୋଇଛି ଯେ ଯେଉଁ ଅପରାଧ କାର୍ଯ୍ୟ କରିବା ପାଇଁ ଅନଧିକାର ଗୃହପ୍ରବେଶ କରାଯାଇଥିଲା ତାହା ପ୍ରକୃତରେ ହୋଇଛି କି ନାହିଁ । ଆମ ମତରେ, ଏଥିରେ କୌଣସି ସନ୍ଦେହ ନାହିଁ ଯେ ଯେଉଁ ଶବ୍ଦଗୁଡ଼ିକ "ଉଦ୍ଦେଶ୍ୟରେ" ବ୍ୟବହୃତ ହୋଇଛି ତାହାର ଅର୍ଥ "ଉଦ୍ଦେଶ୍ୟ ସହିତ"। ଯଦି ମୃତ୍ୟୁଦଣ୍ଡରେ ଦଣ୍ଡନୀୟ ଅପରାଧ କରିବା ପାଇଁ ଅନଧିକାର ଗୃହପ୍ରବେଶ ପ୍ରବେଶ ହୋଇଥାଏ, ତେବେ ଏହି ଅନଧିକାର ଗୃହପ୍ରବେଶ, ଭାରତୀୟ ଦଣ୍ଡ ସଂହିତାର ଧାରା 449 ଅନୁଯାୟୀ ଦଣ୍ଡନୀୟ ହୋଇଥାଏ । ଯଦି ଅନଧିକାର ଗୃହପ୍ରବେଶ କରିବାର ଉଦ୍ଦେଶ୍ୟ ହେଉଛି ଆଜୀବନ କାରାଦଣ୍ଡରେ ଦଣ୍ଡନୀୟ ଏକ ଅପରାଧ କରିବା, ତେବେ ଅନଧିକାର ଗୃହପ୍ରବେଶ ପ୍ରବେଶ, ଭାରତୀୟ ଦଣ୍ଡ ସଂହିତାର ଧାରା 450 ଅନୁଯାୟୀ ଦଣ୍ଡନୀୟ ଅଟେ । ସେହିପରି, ଧାରା 451, 454 ଏବଂ 457 ଲାଗୁ ହେବ ଯଦି ଅନଧିକାର ଗୃହପ୍ରବେଶ କିମ୍ବା ଗୁପ୍ତ ଅନଧିକାର ଗୃହପ୍ରବେଶ ପ୍ରବେଶ, କିମ୍ବା ରାତିରେ ଗୁପ୍ତ ଅନଧିକାର ଗୃହପ୍ରବେଶ ପ୍ରବେଶ କିମ୍ବା ରାତିରେ ଘର ଭାଙ୍ଗିବା କାର୍ଯ୍ୟ ସେହି ଧାରାରେ ସୂଚିତ ଅପରାଧର ଉଦ୍ଦେଶ୍ୟ ପାଇଁ କରାଯାଇଥାଏ । ଏହି କ୍ଷେତ୍ରରେ ଉଦ୍ଦେଶ୍ୟ ବାସ୍ତବରେ ପୂରଣ ହୋଇଛି କି ନାହିଁ ତାହା ଅତ୍ୟନ୍ତ ଅପ୍ରାସଙ୍ଗିକ । ତେଣୁ ଆମର ଉପସଂହାର ହେଉଛି ଯେ ଯେହେତୁ ଏହି ହତ୍ୟା ପ୍ରକୃତରେ କରାଯାଇ ନଥିଲା, ଏହା ଭାରତୀୟ ଦଣ୍ଡ ସଂହିତା 449ର ପ୍ରୟୋଗକୁ ପ୍ରଭାବିତ କରିବ ନାହିଁ ।

ଦ୍ୱିତୀୟ ଯୁକ୍ତି ଏହା ଯେ ଭାରତୀୟ ଦଣ୍ଡ ସଂହିତାର ଧାରା 34 ସହିତ ପାଠ କରାଯାଉଥିବା ଧାରା 307 ଅନୁଯାୟୀ ହୋଇଥିବା କୌଣସି ଅଭିଯୋଗ ଆଇନରେ ସ୍ଥାୟୀ ନୁହେଁ, ଯାହାକୁ ଭାରତୀୟ ଦଣ୍ଡ ସଂହିତାର ଧାରା 34 ର ବ୍ୟବସ୍ଥାଗୁଡ଼ିକୁ ଭୁଲ୍ ଭାବରେ ପଢ଼ିବାର ପ୍ରଭାବ ଉପରେ ଅଗ୍ରସର ହେବା ପରି ମନେ ହୁଏ ।

ଭାରତୀୟ ଦଣ୍ଡ ସଂହିତାର ଧାରା 307 ଏହିପରି:--

"ଯିଏ ଏପରି ଉଦ୍ଦେଶ୍ୟ କିମ୍ବା ଜ୍ଞାନ ସହିତ କୌଣସି କାର୍ଯ୍ୟ କରେ ଏବଂ ଏପରି ପରିସ୍ଥିତିରେ ଯେ, ଯଦି ସେ ସେହି କାର୍ଯ୍ୟ ଦ୍ୱାରା ମୃତ୍ୟୁ ଘଟାନ୍ତି, ତେବେ ସେ ହତ୍ୟାକାଣ୍ଡରେ ଦୋଷୀ ହେବେ, ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ କାରାବାସ ଯାହା ଦଶ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ, ଏବଂ ଜୋରିମାନା ମଧ୍ୟ ଦେବାପାଇଁ ବାଧ୍ୟ ହେବେ; ଏବଂ ଯଦି ଏପରି କାର୍ଯ୍ୟ ଦ୍ୱାରା କୌଣସି ବ୍ୟକ୍ତି ଆଘାତ ହୋଇଥାନ୍ତି, ତେବେ ଅପରାଧୀ ଆଜୀବନ କାରାଦଣ୍ଡ କିମ୍ବା ପୂର୍ବରୁ ଉଲ୍ଲେଖ କରାଯାଇଥିବା ଦଣ୍ଡ ପାଇବା ପାଇଁ ଦାୟୀ ହେବେ ।

*1964*
*ମତିଉଲ୍ଲା ଶେଖ୍*
*ବନାମ*
*ପଶ୍ଚିମ ବଙ୍ଗ ରାଜ୍ୟ*
*ନ୍ୟାୟମୂର୍ତ୍ତି ଦାସ ଗୁପ୍ତା*

ଶ୍ରୀ ମୁଖାର୍ଜୀଙ୍କ ଅନୁଯାୟୀ, ଏହି ଧାରା ଦ୍ୱାରା ଯାହା ଦଣ୍ଡନୀୟ କରାଯାଇଛି ତାହା ହେଉଛି ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ କାର୍ଯ୍ୟକୁ ଯାହା ଧାରାରେ ଉଲ୍ଲେଖ କରାଯାଇଛି, ଯେତେବେଳେ ସେହି ବ୍ୟକ୍ତିଙ୍କ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ କିମ୍ବା ଜ୍ଞାନ ଥାଏ ଏବଂ ସେଥିପାଇଁ, ଯେଉଁଠାରେ ଏହି କାର୍ଯ୍ୟ ମିଳିତ ଭାବରେ ଅନେକ ବ୍ୟକ୍ତିଙ୍କ ଦ୍ୱାରା କରାଯାଏ, ଏହାର କୌଣସି ପ୍ରୟୋଗ କରାଯାଇ ପାରିବ ନାହିଁ । ଏହି ତର୍କ ଆଇନଗତ ସ୍ଥିତିକୁ ଅଣଦେଖା କରେ ଯେ ଏହି ପରିସ୍ଥିତିରେ ଅନେକ ବ୍ୟକ୍ତିଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟ, ଯାହା ଭାରତୀୟ ଦଣ୍ଡ ସଂହିତାର ଧାରା 34ରେ ଉଲ୍ଲେଖ କରାଯାଇଛି, ସେହି ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର କାର୍ଯ୍ୟ ବୋଲି ଧରାଯିବ । ଧାରା 34 ଏହିପରି: --

> "ଯେତେବେଳେ ଅନେକ ବ୍ୟକ୍ତିଙ୍କ ଦ୍ୱାରା ଏକ ଅପରାଧିକ କାର୍ଯ୍ୟ କରାଯାଏ, ସମସ୍ତଙ୍କ ସାଧାରଣ ଉଦ୍ଦେଶ୍ୟକୁ ସାକାର କରିବା ପାଇଁ, ଏହିପରି ପ୍ରତ୍ୟେକ ବ୍ୟକ୍ତି ସେହି କାର୍ଯ୍ୟ ପାଇଁ ସମାନ ଭାବରେ ଦାୟୀ ଯେପରିକି ଏହା କେବଳ ତାଙ୍କ ଦ୍ୱାରା କରାଯାଇଥିଲା ।"

ଅନେକ କ୍ଷେତ୍ରରେ, ଏହା ସ୍ଥିର କରିବା କଷ୍ଟକର ହୋଇପାରେ ଯେ ଏହି ଅପରାଧିକ କାର୍ଯ୍ୟଟି ଅନେକ ବ୍ୟକ୍ତିଙ୍କ ଦ୍ୱାରା ସମସ୍ତଙ୍କ ସାଧାରଣ ଉଦ୍ଦେଶ୍ୟକୁ ସାକାର କରିବା ପାଇଁ କରାଯାଇଛି କି ନାହିଁ । କିନ୍ତୁ, ଥରେ ଯଦି ଏହା ସ୍ଥିର ହୋଇଗଲା ଯେ ସମସ୍ତଙ୍କ ସାଧାରଣ ଉଦ୍ଦେଶ୍ୟକୁ ସାକାର କରିବା ପାଇଁ ଅନେକ ବ୍ୟକ୍ତିଙ୍କ ଦ୍ୱାରା ଏହି କାର୍ଯ୍ୟ କରାଯାଇଛି, ଫଳସ୍ୱରୂପ ଆଇନଗତ ସ୍ଥିତି ହେଉଛି ଯେ ପ୍ରତ୍ୟେକ ବ୍ୟକ୍ତି ସମସ୍ତ ଅପରାଧିକ କାର୍ଯ୍ୟ କରିଛନ୍ତି ବୋଲି ଧରାଯିବ । ତେଣୁ, ବର୍ତ୍ତମାନର ମାମଲାରେ, ଯେତେବେଳେ ଏହା ଜଣାପଡ଼େ ଯେ ଚାରିଜଣ ଆବେଦନକାରୀ ହାଜି ଏବରାର ଅଲ୍ଲୀଙ୍କୁ ହତ୍ୟା କରିବା ପାଇଁ ସେମାନଙ୍କର ସାଧାରଣ ଉଦ୍ଦେଶ୍ୟକୁ ସାକାର କରିବା ପାଇଁ ଆକ୍ରମଣ କରିଥିଲେ ଏବଂ ସେମାନଙ୍କ ମଧ୍ୟରୁ କେତେକ ତାଙ୍କୁ ଧରି ରଖିଥିଲେ ଏବଂ ଜଣେ ତାଙ୍କ ଉପରେ ଛୁରୀରେ ଆଘାତ କରିଥିଲେ, ସେତେବେଳେ ଚାରି ଜଣଙ୍କ ମଧ୍ୟରୁ ପ୍ରତ୍ୟେକ ଏବରାର ଅଲ୍ଲୀଙ୍କୁ ଧରି ରଖିବା ଏବଂ ଛୁରୀରେ ଆଘାତ କରିବାର ସମ୍ପୂର୍ଣ୍ଣ କାର୍ଯ୍ୟ କରିଥିଲେ ବୋଲି ବିବେଚନା କରାଯାଏ । ଯଦି ମତିଉଲ୍ଲା ନିଜେ ଏବରାର ଅଲ୍ଲୀଙ୍କୁ ଧରି ତାଙ୍କ ମୃତ୍ୟୁ ଘଟାଇବା ଉଦ୍ଦେଶ୍ୟରେ ତାଙ୍କୁ ଛୁରୀରେ ଆଘାତ କରିଥାନ୍ତେ ଏବଂ ଆଘାତ ଦ୍ୱାରା ପ୍ରକୃତରେ ତାଙ୍କ ମୃତ୍ୟୁ ଘଟାଇଥାଆନ୍ତା, ତେବେ ସେ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥାଆନ୍ତେ, କେବଳ ଉଲ୍ଲେଖ କରାଯାଇଥିବା କେତେକ ବିଶେଷ ପରିସ୍ଥିତି ବ୍ୟତୀତ ଯାହା ଭାରତୀୟ ଦଣ୍ଡବିଧି ଆଇନର ଧାରା 300 ରେ ଉଲ୍ଲେଖ କରାଯାଇଛି । ଏହି କାର୍ଯ୍ୟ ଦ୍ୱାରା ମୃତ୍ୟୁ ହୋଇନଥିଲା । ତେଣୁ, ସେ ଭାରତୀୟ ଦଣ୍ଡ ସଂହିତାର ଧାରା 307 ଅନୁଯାୟୀ ଦଣ୍ଡନୀୟ ହୋଇଛନ୍ତି । ସ୍ଥିତି କୌଣସି ପ୍ରକାରେ ଭିନ୍ନ ନୁହେଁ ଯେତେବେଳେ ମତିଉଲ୍ଲା ଏକାକୀ କାର୍ଯ୍ୟ କରୁ ନାହାଁନ୍ତି କିନ୍ତୁ ସେ ଏବଂ ଅନ୍ୟମାନେ କେତେଜଣ ମିଳିତ ଭାବରେ ଏବରାର ଅଲ୍ଲୀଙ୍କୁ ହତ୍ୟା କରିବାକୁ ସମସ୍ତଙ୍କ ସାଧାରଣ ଉଦ୍ଦେଶ୍ୟକୁ ସାକାର କରିବା ପାଇଁ କାର୍ଯ୍ୟ କରୁଛନ୍ତି । ଛୁରୀ ବ୍ୟବହାର କରିନଥିବା ଅନ୍ୟ ତିନିଜଣଙ୍କ ମଧ୍ୟରୁ ପ୍ରତ୍ୟେକ ଆଇନଗତ ଭାବରେ ଛୁରୀ ବ୍ୟବହାର କରିବାର ଏହି କାର୍ଯ୍ୟ କରିଛନ୍ତି ବୋଲି ବିବେଚନା କରାଯିବା ଉଚିତ; ଏବଂ ସେଥିପାଇଁ, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଭାରତୀୟ ଦଣ୍ଡ ସଂହିତାର ଧାରା 307 ଅନୁଯାୟୀ ଦଣ୍ଡନୀୟ ହେବେ ଯେପରିକି ଏବରାର ଅଲ୍ଲୀଙ୍କ ବେକରେ ଛୁରୀରେ ଆଘାତ କରିବା କାର୍ଯ୍ୟ ତାଙ୍କ ନିଜ ଦ୍ୱରା ଏକାକୀ ଭାବେ କରାଯାଇଥିଲା । ଯୁକ୍ତି ଏହା ଯେ ଭାରତୀୟ ଦଣ୍ଡ ସଂହିତାର ଧାରା 34 ସହିତ ପାଠ

କରାଯାଉଥିବା ଧାରା 307 ଅନୁଯାୟୀ ହୋଇଥିବା ଏକ ଅଭିଯୋଗ ଆଇନ ଦୃଷ୍ଟିରୁ ଗ୍ରହଣୀୟ ନୁହେଁ, ତେଣୁ ଏହାକୁ ପ୍ରତ୍ୟାଖ୍ୟାନ କରାଯିବା ଉଚିତ ।

ଫଳସ୍ୱରୂପ, ଏହି ଆବେଦନ ବିଫଳ ହୋଇଛି ଏବଂ ଖାରଜ କରାଯାଇଛି ।

*ଆବେଦନକୁ ଖାରଜ କରାଗଲା ।*

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**
ଶ୍ରୀ ଜଟାଧାରୀ ସେଠୀ
ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ